## ସଂକ୍ଷେପରେ

### ମାତିଛନ୍ତି ଚନ୍ଦନ ଗଛ ଚୋର

**ଅନୁଗୋଳ ଅଫିସ, ୧୦।୧୨:** ଅନୁଗୋଳ ସହରରେ ଚନ୍ଦନ ଗଛ ଚୋର ମାତିଛନ୍ତି। ସହରର ବିଭିନ୍ନ ଅଞ୍ଚଳରେ ଥିବା ଚନ୍ଦନ ଗଛ ଠାବ କରି ସେମାନେ ଚୋରି କରୁଥିବା ଅଭିଯୋଗ ବଢ଼ି ଚାଲିଛି। ଗତ ୧୬ ଦିନ ମଧ୍ୟରେ ୩ଟି ସ୍ଥାନରୁ ୬ଟି ଗଛ କଟାଯାଇଥିବାବେଳେ ୪ଟି ଗଛକୁ ଦୁର୍ବୃତ୍ତମାନେ ହାତେଇ ନେବାରେ ସକ୍ଷମ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଶିକ୍ଷକପଡ଼ାର ଏନ୍. ଚଟ୍ଟୋପାଧ୍ୟାୟଙ୍କ ବଗିଚାରୁ ୩ ଚନ୍ଦନ ଗଛ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ନଭେମ୍ବର ୨୪ରେ ପୋଲିସ ଟ୍ରେନିଂ ସେଣ୍ଟରରୁ ଗୋଟିଏ, ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଦୁଇଟି ଗଛ ଚୋରି ହୋଇଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ, ୧୦।୧୨:** ଭାଇର ରିଙ୍ଗ୍ ସେରିମୋନି ପାଇଁ କେକ୍ କିଣିବାକୁ ବଜାରକୁ ଆସୁଥିବା ବେଳେ ଏକ କାର୍ ଧକ୍କା ଦେବାରୁ ସାନଭାଇର ମୃତ୍ୟୁ ଘଟିଛି। ତାଙ୍କ ସହ ବାଇକ୍‌ରେ ଥିବା ସାଙ୍ଗ ଗୁରୁତର ହୋଇଛନ୍ତି। ଗୁରୁବାର ଅନୁଗୋଳ ଖଲାରି ବିଶ୍ୱାଳ ସାହି ନିକଟରେ ଘଟିଥିବା ଏହି ଦୁର୍ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ମହାଧରପୁରର କନ୍ଦିଆ ସାହୁଙ୍କ ସାନ ପୁଅ ମୁନା ସାହୁ ସାଙ୍ଗ ଶ୍ରୀକାନ୍ତ ବେହେରାଙ୍କ ସହ କେକ୍ ପାଇଁ ଅନୁଗୋଳ ଆସୁଥିଲେ। ଏହି ସମୟରେ ଦ୍ରୁତଗତିରେ ଯାଉଥିବା ଏକ କାର୍ ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ମୁନାଙ୍କ ମୃତ୍ୟୁ ହୋଇଥିବାବେଳେ ଶ୍ରୀକାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

### ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ



**ଛେଣ୍ଡିପଦା,୧୦।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ମାଛକୁଟା ପଞ୍ଚାୟତର ନାଏବ ସରପଞ୍ଚ କର୍ନ ପ୍ରଧାନ ଗୁରୁବାର ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଯେ, ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ନାଏବ ସରପଞ୍ଚ କର୍ନ ପ୍ରଧାନଙ୍କ ନେତୃତ୍ୱରେ ୮ଜଣ ୱାର୍ଡ ସଭ୍ୟାସଭ୍ୟ ଗତ ସେପ୍ଟେମ୍ବର ୨୮ରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଆବେଦନ କରିଥିଲେ। ଗତମାସ ୨୩ ତାରିଖରେ ଅନାସ୍ଥା ଭୋଟରେ ସରପଞ୍ଚ ସୁନୀତା ଗଡନାୟକ ପଦ ହରାଇଥିଲେ। ତେବେ ସୁନୀତା ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ଗୁରୁବାର ନାଏବ ସରପଞ୍ଚ ସଭ୍ୟାସଭ୍ୟଙ୍କ ଗହଣରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶନିଶ୍ଚର ପ୍ରଧାନଙ୍କଠାରୁ ବିଧିବଦ୍ଧ ଭାବେ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ।

### କେନାଲରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ପରଜଙ୍ଗ, ୧୦।୧୨(ଡି.ଏନ.ଏ.):** ପରଜଙ୍ଗ ଥାନା କନ୍ତୋର ଗାଁ ପାଖ ରେଙ୍ଗାଳି କେନାଲରେ ବୁଡ଼ି ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୂଜା ସ୍ୱାଇଁ। ସନ୍ଧ୍ୟାରେ ଶୌଚ ହେବାକୁ କେନାଲକୁ ଯାଇଥିବାବେଳେ ତାଙ୍କର ଗୋଡ଼ ଖସିଯାଇଥିଲା। ଫଳରେ ସେ ଗଭୀର ଜଳରେ ବୁଡ଼ିଯାଇଥିଲେ। ସୂଚନା ପାଇ ପୋଲିସ, ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ।

### ଜିଲାରେ ୫୦ ସକ୍ରିୟ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୧୦।୧୨:** ଢେଙ୍କାନାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଗୁରୁବାର ଜିଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୪ ଜଣ ସୁସ୍ଥ ହୋଇଛନ୍ତି। ଏହାପରେ ମୋଟ୍ ପଜିଟିଭ୍ ସଂଖ୍ୟା ୫,୭୫୪ ଏବଂ ସୁସ୍ଥଙ୍କ ସଂଖ୍ୟା ୫,୭୦୪ ହୋଇଛି। ଜିଲାରେ ଏବେ ୫୦ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନ୍ୟାୟ ଦାବିରେ ରାସ୍ତାରେ ଜନତା

**କୂଅରୁ ଯୁବକଙ୍କ ମୃତଦେହ ଜବତ ଘଟଣା**



ଉତ୍ତ୍ୟକ୍ତ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

- ହତ୍ୟା ଅଭିଯୋଗ ଆଣିଲା ପରିବାର
- ଟାୟାର ଜାଳିଲେ, କ୍ଷତିପୂରଣ ଦାବି କଲେ
- ଏନ୍‌ଏଚ୍ ୫୩ରେ ୭ଘଣ୍ଟା ଯାତାୟାତ ଠପ୍

**କାମାକ୍ଷାନଗର, ୧୦।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଲିଗୋରଡ଼ ଗ୍ରାମର ଅଦ୍ୱୈତ ନାୟକ (୨୬) ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ ଦାବିରେ ତାତିଛନ୍ତି ଅଞ୍ଚଳବାସୀ। ହତ୍ୟାକାରୀଙ୍କୁ ଗିରଫ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗୁରୁବାର ବାଇସିଙ୍ଗା ନିକଟ ୫୩ନଂ. ଜାତୀୟ ରାଜପଥରେ ଟାୟାର ଜାଳି ୭ଘଣ୍ଟା ଅବରୋଧ କରିଥିଲେ। ଏହାକୁ ନେଇ ଦିନତମାମ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଶତାଧିକ ଯାନବାହନ ଅଟକି ରହିଥିଲା।

ସୂଚନାଯୋଗ୍ୟ, ଅଦ୍ୱୈତ ଟେଷ୍ଟ ହାଉସ୍ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଅପରାହ୍ନରେ ବାଲିଗୋରଡ଼-ଖଟଖୁରା ରାସ୍ତାର ଏକ କୂଅରୁ ରହସ୍ୟଜନକ ଭାବେ ତାଙ୍କର ମୃତଦେହ ଜବତ କରାଯାଇଥିଲା। ହଠାତ୍ ପୁଅର ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହିଁ ପରିବାର। ତାଙ୍କୁ କେହି ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ଅଦ୍ୱୈତଙ୍କ ମା' ନେତ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନଂ. ୪୦୬/୨୦, ଦଫା ୩୦୨ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଅଦ୍ୱୈତ କାମ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ବି ପତ୍ତା ମିଳି ନ ଥିଲା। ବୁଧବାର ଅପରାହ୍ନରେ କେତେଜଣ ବ୍ୟକ୍ତି କୂଅରେ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। କୂଅରୁ ମୃତଦେହ ବାହାର କରାଯିବା ପରେ ମୃତକଙ୍କ ପରିଚୟ ମିଳିଥିଲା। ଆକ୍ରୋଶମୂଳକ ଭାବେ କେହି ଜଣେ ଏପରି କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଯାଇଛି।

ଘଟଣାର ଉପଯୁକ୍ତ ତଦନ୍ତ, ହତ୍ୟାକାରୀଙ୍କୁ ଗିରଫ ଏବଂ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଗୁରୁବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ସାଢ଼େ ୨ଟା ଯାଏ ରାସ୍ତା ଅବରୋଧ କରିଥିଲେ। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସଞ୍ଜୟ ରାଉତ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକ ପରିବାରକୁ ୧୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଆବାସ ଯୋଜନାରେ ଏକ ବାସଗୃହ ମଞ୍ଜୁର ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ପ୍ରଶାସନିକ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

## ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର



ଶିକ୍ଷକ ନିଯୁକ୍ତ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।

**ଅନୁଗୋଳ ଅଫିସ, ୧୦।୧୨**

ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ପଞ୍ଚାୟତ ବାରସିଂହା କଇଥଡ଼ିପ ସାହି ବାସିନ୍ଦା ଗୁରୁବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଛନ୍ତି। କରୋନା ମହାମାରୀ ସମୟରେ ବିଦ୍ୟାଳୟରେ ଥିବା ଏକମାତ୍ର ଶିକ୍ଷକଙ୍କ ଅନ୍ୟତ୍ର ବଦଳି ଯୋଗୁ ବିଦ୍ୟାଳୟ ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି। ଅଭିଭାବକମାନେ ଆଗାମୀ ଦିନରେ ଅନ୍ୟ ବିଦ୍ୟାଳୟରେ ପିଲାଙ୍କ ନାମ ଲେଖାଇଲେ ଏଠାରେ ଥିବା ବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା ରହିଛି। ତେଣୁ ଗ୍ରାମବାସୀଙ୍କ ପକ୍ଷରୁ ସରୋଜ ସାହୁ, ଅମୂଲ୍ୟ ସାହୁ, ମାନସ ସାହୁ, ରଞ୍ଜନ ସାହୁ, ଅନିଲ ସାହୁ, ଆଶିଷ ସାହୁ, ବିରେନ ସାହୁ, କୁମର ସାହୁ, ଦରବ ସାହୁ, ଧ୍ରୁବଚରଣ ସାହୁ ପ୍ରମୁଖ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଅନୁରୋଧ କରିଛନ୍ତି।

## ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବି




ବିକ୍ଷୋଭ ଶୋଭାଯାତ୍ରାରେ ଏଏପିର କର୍ମକର୍ତ୍ତାମାନେ।

**ଭୁବନ, ୧୦।୧୨(ଡି.ଏନ.ଏ.)**

ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଭୁବନଠାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅଧ୍ୟକ୍ଷ ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଆବାହକ ପଙ୍କଜ ନାୟକଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ପ୍ରକାଶ ରାଉତ, କୋଷାଧ୍ୟକ୍ଷ ଚକ୍ରଧର ତରାଇ, ଯୁବ ସଭାପତି ପର୍ଶୁରାମ ମହାଭୋଇ, ବିଶ୍ୱଜିତ୍ ବରାଳ, ମଧୁସ୍ମିତା ନାୟକ, ଅଭିରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଦୁପଯୋଗ ହେଉ ମାନବାଧିକାର

**ଢେଙ୍କାନାଳ ଅଫିସ,୧୦।୧୨**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ଗୁରୁବାର ଡିଜିଟାଲ ମାଧ୍ୟମରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ମାନବାଧିକାରର ସୁରକ୍ଷା ଏବଂ ସଦୁପଯୋଗ ନିହାତି ଜରୁରୀ। ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଏଥିଲାଗି ସଚେତନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୈତ୍ରୀ ସାମନ୍ତରାୟ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୀମୟୀ ନନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟର ଏବଂ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜାତୀୟସ୍ତରରେ ଢେଙ୍କାନାଳ ୩ୟ

**ଢେଙ୍କାନାଳ ଅଫିସ, ୧୦।୧୨**

- ବେସିକ୍ ଇନଫ୍ରାଷ୍ଟ୍ରକ୍‌ଚରରେ ଉତ୍ତମ ପ୍ରଦର୍ଶନ
- ନୀତି ଆୟୋଗ ଦେବ ୩ କୋଟି ଟଙ୍କା ପୁରସ୍କାର

ନୀତି ଆୟୋଗର ଆକାଂକ୍ଷା ଜିଲାଗୁଡ଼ିକୁ ନେଇ ପ୍ରକାଶିତ ଅକ୍ଟୋବର-୨୦୨୦ ଡେଲ୍‌ଟା ର୍‍ୟାଙ୍କିଙ୍ଗ୍‌ରେ ସର୍ବଭାରତୀୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି ଢେଙ୍କାନାଳ। ମୌଳିକ ସଂରଚନା (ବେସିକ୍ ଇନଫ୍ରାଷ୍ଟ୍ରକଚର) ବିଭାଗରେ ମିଳିଛି ଏହି କୃତିତ୍ୱ। ଏଥିଲାଗି ଜିଲାକୁ ପୁରସ୍କାର ରାଶି ବାବଦକୁ ୩ କୋଟି ଟଙ୍କା ମିଳିବ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆକାଂକ୍ଷା ଜିଲାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ ହୋଇଛି। ଏଥିଲାଗି ନୀତି ଆୟୋଗ ତାଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ମିଳିବାକୁ ଥିବା ପୁରସ୍କାର ରାଶିକୁ ଜିଲାର ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ। ଏଥିଲାଗି ଖୁବ୍‌ଶୀଘ୍ର ଯୋଜନା ପ୍ରସ୍ତୁତ କରି ନୀତି ଆୟୋଗର ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ଅନୁମୋଦନ ଲାଗି ପଠାଯିବ ବୋଲି ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଜୁନ୍-ଜୁଲାଇରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଲାଗି ଢେଙ୍କାନାଳକୁ ଅନୁରୂପ ଭାବେ ୩ କୋଟି ଟଙ୍କାର ଅର୍ଥରାଶି ପୁରସ୍କାର ମିଳିଥିଲା। ଉକ୍ତ ଅର୍ଥକୁ ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପାନୀୟଜଳ ଯୋଗାଣ ପ୍ରକଳ୍ପରେ ବିନିଯୋଗ କରାଯାଇଛି। ପିଡି ଡିଆରଡିଏ ନରୋତ୍ତମ ବେହେରା, ଯୋଜନାର ନୋଡାଲ ଅଫିସର ତଥା ଯୋଜନା ଓ ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀଙ୍କ ସମେତ ସମସ୍ତ ଅଧିକାରୀ ନିଷ୍ଠାର ସହ କାର୍ଯ୍ୟ କରିଥିବାରୁ ଜିଲାପାଳ କୃତଜ୍ଞତା ଜଣାଇଛନ୍ତି।

# ଷ୍ଟେଶନରେ ଲାଗିଲା ସିସିଟିଭି

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ରେଳଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ଏବଂ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସିସିଟିଭି କ୍ୟାମେରା ଲଗାଯାଇଛି। ୧ନଂ. ଏବଂ ୨ନଂ. ପ୍ଲାଟଫର୍ମ ସମେତ ଏହାର ପରିସରରେ ୩୩ କ୍ୟାମେରା ଖଞ୍ଜାଯାଇଛି। ଷ୍ଟେଶନ ପରିସରର ଏକ ପ୍ରକୋଷ୍ଠରୁ ଏହାର ମନିଟରିଂ କରାଯାଉଛି। ଷ୍ଟେଶନରେ ଘଟୁଥିବା ଦୁର୍ଘଟଣା, ଅପରାଧିକ କାର୍ଯ୍ୟକଳାପ ରୋକିବାରେ ଏହା ସହାୟକ ହେବ ବୋଲି ଷ୍ଟେଶନ କର୍ତ୍ତୃପକ୍ଷ କହିଛନ୍ତି।



ଷ୍ଟେଶନରେ ଲାଗିଥିବା ସିସିଟିଭି କ୍ୟାମେରା।

## ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

**ଭଦ୍ରକ ଅଫିସ, ୧୦।୧୨**

ଭଦ୍ରକର ଏକ ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜିଲା ପୋଲିସ କାର୍ଯ୍ୟାଳୟ ନିକଟରେ ଥିବା ଏକ ନର୍ସିଂହୋମ୍‌ରେ ତିହିଡ଼ି ଥାନା କୋଲ୍ହ ଅଞ୍ଚଳର ଅର୍ଚ୍ଚନା ନାୟକ ନାମ୍ନୀ ଜଣେ ଗର୍ଭବତୀଙ୍କୁ ଗତ ମଙ୍ଗଳବାର ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପରେ ସେ ପ୍ରସବଜନିତ କଷ୍ଟ ଅନୁଭବ କରିଥିଲେ। ବୁଧବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ଚିକିତ୍ସାରେ ଅବହେଳା ଯୋଗୁ ଅର୍ଚ୍ଚନାଙ୍କ ଜୀବନ ଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଗୁରୁବାର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ନବଜାତ ଶିଶୁକନ୍ୟା ସୁସ୍ଥ ଅଛନ୍ତି।

# ସାଧନାରେ କଳା ହୁଏ ଉତ୍କର୍ଷ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୦।୧୨**

- ସରିଲା ୧୫ଦିନିଆ ନାଟ୍ୟ କର୍ମଶାଳା
- ପ୍ରଶିକ୍ଷଣ ନେଲେ ୧୭ କଳାକାର

ନାଟକ ଶିକ୍ଷା ବିଜ୍ଞାନଶିକ୍ଷାଠାରୁ ଅଧିକ ଜଟିଳ। କଳାକାରଙ୍କ ନିରନ୍ତର ସାଧନା ଏବଂ ଏକାଗ୍ରତାରେ କଳା ଉତ୍କର୍ଷ ଲାଭ କରେ। ନାଟକର ଉନ୍ନତି ଲାଗି ସବୁସ୍ତରରେ ଉଦ୍ୟମ ଜରୁରୀ ବୋଲି କହିଛନ୍ତି ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ। ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ୧୫ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଆବାସିକ ନାଟ୍ୟ କର୍ମଶାଳାର ବୁଧବାର ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମୁଖ୍ୟବକ୍ତା ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, କଳା ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଭଲ ସମାଜ ଗଠନରେ ନାଟକର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହାର ବିକାଶ ଲାଗି ବହୁବିଧ କାର୍ଯ୍ୟ ହାତକୁ ନିଆଯିବ। ସମ୍ମାନିତ ଅତିଥି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ନାଟକ ଏକ ଜୀବନ୍ତ କଳା। ଏହାର ପ୍ରଭାବ ଖୁବ ଶକ୍ତିଶାଳୀ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କହିଲେ, ସମାଜ ପରିବର୍ତ୍ତନ ଓ ଭଲ ମଣିଷ ସୃଷ୍ଟି ପାଇଁ ନାଟକ ଏକାନ୍ତ ଜରୁରୀ।

ଅଲଟରନେଟିଭ୍ ରିଦିମ୍ ଥିଏଟର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ଦୋଳଗୋବିନ୍ଦ ରଥ, ନାଟ୍ୟ ନିର୍ଦ୍ଦେଶକ ଦୀନେଶ ଦାସ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ଳ ସ୍ୱାଇଁ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଯୋଗଦେଇଥିବା ୧୭ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମିଶନ ସମ୍ପାଦକ ପ୍ରଦୀପ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶ୍ରମିକଙ୍କ ଅଧିକାର ଉଲ୍ଲଂଘନ ମାନବାଧିକାର ପ୍ରତି ଉପହାସ

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ସହରସ୍ଥିତ ଉଫୁନା ପକ୍ଷରୁ ଗୁରୁବାର ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିବିଆଇର ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ ଯୋଗଦେଇ କହିଲେ, ବିଶ୍ୱରେ କୋଟି କୋଟି ଶ୍ରମିକ ଯନ୍ତ୍ରଣାରେ ଅଛନ୍ତି। ସେମାନଙ୍କ ଅଧିକାର ଉଲ୍ଲଂଘନ ହେଉଛି, ଯାହା ମାନବାଧିକାର ପ୍ରତି ଉପହାସ। ଏ ଦିଗରେ ବିଶ୍ୱ ସମୁଦାୟକୁ ଭାବିବାର ବେଳ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ସରୋଜ ଶତପଥୀ, ଡମ୍ବରୁଧର ପଣ୍ଡା, ଡ. ମାନସୀ କର, ମଞ୍ଜୁଶ୍ରୀ ମୁଖୀ, କବି ବାହାଦୁର ପାଟସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମାଞ୍ଚଳ କପ୍: ହିମିତିରା ବିଜୟୀ

**ବଇଣ୍ଡା,୧୦।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଧଡ଼ରପାଳ ପଞ୍ଚାୟତ ହରିଡ଼ାନାଳୀ ଗ୍ରାମ ଖେଳ ପଡ଼ିଆରେ ଗୁରୁବାର ଗ୍ରାମାଞ୍ଚଳ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ଆଠମଲ୍ଲିକ ଉପସଭାପତି ଜିତେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ରାଜେନ୍ଦ୍ର ଦେହୁରୀ, ଶରତ ଦେହୁରୀ, ସୁଶୀଲ ପ୍ରଧାନ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ହିମିତିରା କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୦ ରନ କରିଥିଲା। ଜବାବରେ ରାଇବାହାଳ କ୍ଲବ ୭୨ ରନ୍ କରି ପରାସ୍ତ ହୋଇଥିଲା। ସୁଧୀର ପ୍ରଧାନ ଓ ତାପସ ସାହୁ ଖେଳ ପରିଚାଳନା କରିଥିଲେ।



ଅତିଥି ଫିତା କାଟି ଟୁର୍ନାମେଣ୍ଟର ଶୁଭାରମ୍ଭ କରୁଛନ୍ତି।

## ଡିକି ଭାଙ୍ଗି ନେଇଗଲେ ୨୦ ହଜାର

**ସାତମାଇଲ, ୧୦।୧୨(ଡି.ଏନ୍.ଏ.)**

ହିନ୍ଦୋଳ ଥାନା ଅନ୍ତର୍ଗତ ସାତମାଇଲ ବଜାରରୁ ଜଣେ ବାଇକ୍ ଆରୋହୀଙ୍କ ଡିକି ଭାଙ୍ଗି ୨୦ ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ରାସୋଳ ଥାନା ଅନ୍ତର୍ଗତ ପଞ୍ଚପଡ଼ା ଗ୍ରାମର ମିହିର ପତି। ସେ କାନାରା ବ୍ୟାଙ୍କକୁ ଋଣ ପରିଶୋଧ କରିବାକୁ ୨୦ ହଜାର ଟଙ୍କା ଧରି ଯାଇଥିଲେ। ହେଲେ ଲିଙ୍କ୍ ନ ଥିବାରୁ ଘରକୁ ଫେରୁଥିଲେ। ସାତମାଇଲ ବଜାରରେ ଗାଡ଼ି ରଖି ଦୋକାନକୁ ଯାଇଥିବାବେଳେ ଦୁଇଜଣ ଯୁବକ ଡିକି ଭାଙ୍ଗି ଟଙ୍କା, ବ୍ୟାଙ୍କ ପାସ୍‌ବୁକ୍, ଜରୁରୀ କାଗଜପତ୍ର ଧରି ଚମ୍ପଟ ମାରିଥିଲେ। ସେ ଦୁର୍ବୃତ୍ତଙ୍କୁ ପିଛା କରିଥିଲେ ମଧ୍ୟ ଧରିବାରେ ବିଫଳ ହୋଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ଶେଷ ହେଉନି ସମ୍ପ୍ରସାରଣ

**ଅନୁଗୋଳ ଅଫିସ, ୧୦।୧୨**

କେନ୍ଦୁଝର ଦେଇ ପୂର୍ବରୁ ପଶ୍ଚିମ ଓଡ଼ିଶାକୁ ଯୋଡୁଥିବା ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣରେ ଅହେତୁକ ବିଳମ୍ବ ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏହି କାର୍ଯ୍ୟ ଠିକାସଂସ୍ଥା ଗାୟତ୍ରୀ ପ୍ରୋଜେକ୍ଟକୁ ଦିଆଯାଇଛି। କିନ୍ତୁ ସମୟସୀମା ଶେଷ ହୋଇଯାଇଥିଲେ ମଧ୍ୟ ଉକ୍ତ ସଂସ୍ଥା ନିର୍ମାଣ ଶେଷ କରିପାରି ନାହିଁ। ଫଳରେ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କରୁଥିବା ଏହି ରାଜପଥରେ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲିଛି। ଗତ ୩ ବର୍ଷ ମଧ୍ୟରେ ଶତାଧିକ ଯାତ୍ରୀଙ୍କ ଜୀବନ ହାନି ହୋଇସାରିଛି। ସମ୍ପ୍ରସାରଣ କିପରି ଶୀଘ୍ର ଶେଷ ହେବ ତାହା ଉପରେ ଠିକା ସଂସ୍ଥା କିମ୍ବା ଏନ୍‌ଏଚ୍‌ଏଆଇ ଜୋର୍ ଦେଉ ନ ଥିବାରୁ ଅନୁଗୋଳ ଜିଲାରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ଗାୟତ୍ରୀ ପ୍ରୋଜେକ୍ଟକୁ ମିଳିଛି। ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ୧୨୫୫ କୋଟି ଓ ଅନୁଗୋଳରୁ କଟକ ଯାଏ ୫୮୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଅନୁଗୋଳ-ସମ୍ବଲପୁର ରାସ୍ତା କାର୍ଯ୍ୟ ୨୦୧୬ରେ ଆରମ୍ଭ ହୋଇଥିଲା। ଚୁକ୍ତି ମୁତାବକ ହଜାରେ ଦିନରେ ସମ୍ପ୍ରସାରଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୪ଟି ଓଭରବ୍ରିଜ୍, ୩ ଅଣ୍ଡରପାସ୍, ୧୦ ସର୍ଭିସ ରୋଡ୍, ୨ଟି ଟ୍ରକ୍ ପାର୍କିଂ ସ୍ଥଳ ନିର୍ମାଣ ସହ ୩୮ଟି ବଡ଼ ଛକ ଓ ୬୫ଟି ଛୋଟ ଛକର ଉନ୍ନତୀକରଣ ହେବାର ଯୋଜନା ରହିଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ନୂଆ କାର୍ଯ୍ୟ ଏଥିରେ ଯୋଡ଼ି ହୋଇଛି। କିନ୍ତୁ ନିର୍ଦ୍ଧାରିତ ସମୟ ଗଡ଼ି ଯାଇଥିଲେ ମଧ୍ୟ ସମ୍ପ୍ରସାରଣ ସରିପାରୁ ନାହିଁ। ନୂତନ ନିର୍ମାଣ ଅତ୍ୟନ୍ତ କଛପ ଗତିରେ ଚାଲୁଥିବା ବେଳେ ପୁରୁଣା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୨୦୧୮ରେ ଜିଲାର ବିଭିନ୍ନ ରାସ୍ତାରେ ୪୯୬ ଦୁର୍ଘଟଣା ଘଟି ୨୧୫ ଜଣଙ୍କ ଜୀବନ ଯାଇଛି। ୨୦୧୯ରେ ୨ଶହ ଓ ୨୦୨୦ରେ ପାଖାପାଖି ୨ଶହ ଦୁର୍ଘଟଣାରେ ୯୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏହି ସଂଖ୍ୟା ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ଦୁର୍ଘଟଣା ଓ ଜୀବନହାନି ୫୫ ନଂ. ଜାତୀୟ ରାଜପଥରେ ହୋଇଛି। ସମ୍ପ୍ରସାରଣ ବିଳମ୍ବ ଓ ରାସ୍ତା ମରାମତି ଠିକ୍ ଭାବେ ହେଉ ନ ଥିବାରୁ ଅନେକ ସମୟରେ ଠିକା ସଂସ୍ଥା ଏବଂ ଏନ୍‌ଏଚ୍‌ଏଆଇ ବିରୋଧରେ ଜିଲାବାସୀ ଆନ୍ଦୋଳନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଦୁଇ ଥର ଏନ୍‌ଏଚ୍‌ଏଆଇ ନାମରେ ମାମଲା ରୁଜୁ କରାଯାଇଛି। ପ୍ରଥମେ ୨୦୧୮ରେ ଅନୁଗୋଳ ଉପଜିଲାପାଳ ଏକ ମାମଲା ରୁଜୁ କରିଥିଲେ। ୨୦୧୯ ସେପ୍ଟେମ୍ବର ୧୨ରେ ନଂ. ୧୪୭/୨୦୧୯ରେ ଅନ୍ୟ ଏକ ମାମଲା ରୁଜୁ ହୋଇଥିଲା। ବଣ୍ଟଁରପାଳର ଏକ ସଙ୍ଗଠନ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ପରେ ୧୩୩ ସିଆର୍‌ପିସି (ସାଧାରଣ ଲୋକଙ୍କ ସମସ୍ୟା ଜନିତ)ରେ ପିଡି ଏନ୍‌ଏଚ୍‌ଏଆଇ ଢେଙ୍କାନାଳଙ୍କ ନାମରେ ମାମଲା କରାଯାଇଥିଲା। ରାସ୍ତା ମରାମତିର ପ୍ରମାଣ ଏନ୍‌ଏଚ୍‌ଏଆଇ ଦେବା ପରେ ନଭେମ୍ବର ୭ରେ ଉକ୍ତ ମାମଲା ବନ୍ଦ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ରାଜପଥ ସମସ୍ୟା ନେଇ ଏକ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ନିକଟ ଅତୀତରେ ଧାରଣା ଦିଆଯାଇଥିଲା। ତଥାପି କାର୍ଯ୍ୟ ଜୋର୍ ଧରୁ ନ ଥିବା ଜିଲାବାସୀ ଅଭିଯୋଗ କରିଛନ୍ତି।



୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି।

- ମରଣଯନ୍ତା ପାଲଟିଛି ୫୫ନଂ. ଜାତୀୟ ରାଜପଥ
- ଦୁର୍ଘଟଣାରେ ଗଲାଣି ଶତାଧିକ ଯାତ୍ରୀଙ୍କ ଜୀବନ
- କଚ୍ଛପ ଗତିରେ କାର୍ଯ୍ୟ କରୁଛି ଠିକାସଂସ୍ଥା
- ଚୁପ୍ ହୋଇ ବସିରହିଛି ଏନ୍‌ଏଚ୍‌ଏଆଇ

### ପ୍ରଶାସନର ନିଷ୍କ୍ରିୟତା ଦାୟୀ



"ଜିଲା ପ୍ରଶାସନର ନିଷ୍କ୍ରିୟତା କାରଣରୁ ଜାତୀୟ ରାଜପଥ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଏ ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିବାରୁ ଜନଆକ୍ରୋଶରୁ ବର୍ତ୍ତିବା ପାଇଁ ପ୍ରଶାସନ ଏନ୍‌ଏଚ୍‌ଏଆଇ ଓ ଠିକା ସଂସ୍ଥାକୁ ତାଗିଦ୍ କରିବାର କେବଳ ବାହାନା କରୁଛି।

-ରଶ୍ମିରଞ୍ଜନ ସାହୁ, ଅନୁଗୋଳବାସୀ

### ଅଯଥାରେ ଅର୍ଥ ବ୍ୟୟ କରା ନ ଯାଉ



"ରାଜପଥ ସମ୍ପ୍ରସାରଣ ପାଇଁ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରା ନ ଯିବା ଦ୍ୱାରା ପ୍ରକଳ୍ପ ପାଇଁ ଅତିରିକ୍ତ ଅର୍ଥ ବ୍ୟୟ କରାଯାଉଛି। ତେଣୁ ଜନସାଧାରଣଙ୍କ ଅର୍ଥର ଏପରି ଅଯଥା ବ୍ୟୟ କରା ନ ଯାଉ।

-ଶ୍ରୀକାନ୍ତ ମିଶ୍ର, ବରିଷ୍ଠ ନାଗରିକ, ଅନୁଗୋଳ

### ମାର୍ଚ୍ଚ ୨୦୨୧ ସୁଦ୍ଧା ସରିବ



"ଦୁଇ ପର୍ଯ୍ୟାୟରେ ରାଜପଥ ଭାଗ କରାଯାଇଥିବାରୁ ସମସ୍ୟା ହେଉଛି। ମାର୍ଚ୍ଚ ୨୦୨୧ ସୁଦ୍ଧା ସମ୍ବଲପୁରରୁ ରନ୍ତଲେଇ ଯାଏ ସାରିବାକୁ ସମ୍ବଲପୁର ଏନ୍‌ଏଚ୍‌ଏଆଇ ପିଡି ପ୍ରତିଶ୍ରୁତି ଦେଇଛନ୍ତି। ଡିସେମ୍ବର ୨୦୨୧ ସୁଦ୍ଧା ବାଇପାସ୍ ନିର୍ମାଣ ଶେଷ ପାଇଁ ଢେଙ୍କାନାଳ ଏନ୍‌ଏଚ୍‌ଏଆଇ ପିଡି ପ୍ରତିଶ୍ରୁତି ଦେଇଛନ୍ତି।

-ବିଭବ ସାମନ୍ତସିଂହାର, ଆଞ୍ଚଳିକ ପରିବହନ ଅଧିକାରୀ, ଅନୁଗୋଳ

### ବିଭିନ୍ନ ସମୟରେ ତାଗିଦ୍ କରାଯାଉଛି



"ଜାତୀୟ ରାଜପଥ କାର୍ଯ୍ୟ ଅନୁଧାନ ସହ ମରାମତି କରିବାକୁ ଏନ୍‌ଏଚ୍‌ଏଆଇ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଉଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ମଧ୍ୟ କାର୍ଯ୍ୟ କରାଯାଉଛି। ଜିଲାବାସୀ ଯେପରି ଯାତାୟାତରେ ସମସ୍ୟା ନ ଭୋଗିବେ ସେଥିପ୍ରତି ପ୍ରଶାସନ ଯତ୍ନବାନ ରହିଛି।

-ବାସୁଦେବ ଶତପଥୀ, ଉପଜିଲାପାଳ ଅନୁଗୋଳ

### ଜମି ଅଧିଗ୍ରହଣ ନ ହେବା ବାଧକ



"ବିଭିନ୍ନ ସମୟରେ ପ୍ରଶାସନ ଜମି ହସ୍ତାନ୍ତର କରିପାରୁ ନ ଥିବାରୁ ରାସ୍ତା କାର୍ଯ୍ୟରେ ବାଧା ଉପୁଜୁଛି। ଅନୁଗୋଳରୁ ବାମୁର ପର୍ଯ୍ୟନ୍ତ ୪୮ଟି ପ୍ଲଟରେ ସମସ୍ୟା ରହିଛି। ପ୍ରଶାସନ ଏଯାଏ ସମାଧାନ ବାଟ ବାହାର କରିପାରୁ ନାହିଁ। ତେଣୁ ନିର୍ମାଣ କାମ ସମୟ ସୀମା ମଧ୍ୟରେ ଶେଷ ହୋଇପାରୁ ନାହିଁ। ତେବେ ଢେଙ୍କାନାଳରେ ୯୦ ପ୍ରତିଶତ ଜମି ମିଳିସାରିଛି।

-ଜି.ପଦ୍ମନାଭନ, ଡିଜିଏମ୍, ଗାୟତ୍ରୀ ପ୍ରୋଜେକ୍ଟ

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଶ୍ରମିକ ମୃତ

**ବଣ୍ଟଁରପାଳ, ୧୦।୧୨(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ନାଲ୍‌କୋ ଥାନା କୁଲାଡ଼ ବ୍ରାହ୍ମଣୀଦେବୀ ସାହି ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଳରାମପ୍ରସାଦର ନବ ନାହାକ (୩୬)। ନବଙ୍କ ସମେତ ଅନ୍ୟ ୪ଜଣ ଶ୍ରମିକ କୁଲାଡ଼ ଗ୍ରାମକୁ ପାଉଁଶ ଇଟା ନେଇ ଏକ ଗାଡ଼ିରେ ଆସିଥିଲେ। ଇଟା ଅନ୍‌ଲୋଡ୍ କରିବା ପରେ ଗାଡ଼ି ଡାଲାର ହୁକ୍ ଲଗାଉଥିବାବେଳେ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ପୋଲିସ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି।

### କୋଇଲା ୱାଗନରେ ନିଆଁ



**ଢେଙ୍କାନାଳ ଅଫିସ, ୧୦।୧୨:** ଢେଙ୍କାନାଳ ରେଳ ଷ୍ଟେଶନରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଏକ କୋଇଲା ବୋଝେଇ ଟ୍ରେନ୍ ୱାଗନରେ ନିଆଁ ଲାଗିଯାଇଥିଲା। ଉକ୍ତ ଟ୍ରେନ୍ ତାଳଚେରରୁ କୋଇଲା ବୋଝେଇ କରି ଭଦ୍ରକ ଯାଉଥିବା ବେଳେ ୱାଗନ ନଂ.୬୦୬୯୬ରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ମିଳିଥିଲା। ତୁରନ୍ତ ଚାଳକ ଟ୍ରେନ୍ ଅଟକାଇଥିଲେ। ରାଜ ଆଠଗଡ଼ ରେଳଷ୍ଟେଶନରୁ ବିଦ୍ୟୁତ୍ ଲାଇନ ବିଚ୍ଛିନ୍ନ କରାଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁ କୋଇଲା ବୋଝେଇ ଟ୍ରେନ୍‌ଟି ଷ୍ଟେଶନରେ ୩ ଘଣ୍ଟା ଅଟକି ରହିଥିଲା।

### ଅନୁଗୋଳରେ ୨୬ ସଂକ୍ରମିତ

**ଅନୁଗୋଳ ଅଫିସ, ୧୦।୧୨:** ଅନୁଗୋଳ ଜିଲାରେ ଗୁରୁବାର ୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୨୩୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳରୁ ୮ ଜଣ, କଣିହାଁ ବ୍ଲକରୁ ୬, ଛେଣ୍ଡିପଦାରୁ ୫, ବଣ୍ଟଁରପାଳରୁ ୩, ପାଲଲହଡ଼ାରୁ ୩, ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩୪ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଦମ୍ପତିଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୦।୧୨(ଡି.ଏନ୍.ଏ.):** ଠାକୁରଗଡ଼ ଥାନା କୁତୁଲିସିଙ୍ଗା ଗ୍ରାମର ଦୁଃଖୀ ନାୟକ ଓ ତାଙ୍କ ସ୍ୱାମୀ ଦେବହରି ନାୟକଙ୍କୁ ସେହି ଗ୍ରାମର ରମେଶ ନାୟକ ବୁଧବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୩୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦେବହରିଙ୍କ ଘରେ ରମେଶ ରାଜମିସ୍ତ୍ରି ଭାବେ କାମ କରୁଥିଲେ। କାମରେ ବିଳମ୍ବ କରିଥିବା ଦୁଃଖୀ ଓ ଦେବହରି କହିବାରୁ ରମେଶ ଉତ୍କ୍ଷିପ୍ତ ହୋଇ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି ବୋଲି ପୋଲିସ କହିଛି।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୧୦।୧୨(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଶାଳବଣିସାହିର ହତ୍ୟା ଅଭିଯୁକ୍ତ ନାରାୟଣ ବେହେରାଙ୍କୁ ବଇଣ୍ଡା ଫାଣ୍ଡି ପୋଲିସ ବୁଧବାର ଗିରଫ କରିଛି। ତାଙ୍କ ନାମରେ ପରଜଙ୍ଗ ଥାନାରେ ନଂ. ୮୦/୧୪ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ହଣ୍ଡପା ଥାନାରେ ନଂ. ୨୪୮/୨୦ରେ ମାମଲା ରହିଛି। ଦୀର୍ଘ ୪ ବର୍ଷ ଧରି ଫେରାର ଥିବା ନାରାୟଣ ବୁଧବାର ରାତିରେ ଘରେ ରହିଥିବା ସୂଚନା ପାଇ ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢ଼ାଉ କରିଥିଲେ। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

**କଣିହାଁ,୧୦।୧୨(ଡି.ଏନ୍.ଏ.):** ଅନୁଗୋଳ ଜିଲା ଅବକାରୀ ବିଭାଗ, ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଗୁରୁବାର କଣିହାଁ ଥାନା ଡେରେଙ୍ଗ ଗ୍ରାମରେ ଚଢ଼ାଉ କରି ବେଆଇନ ମଦ ତିଆରି ଓ ବିକ୍ରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୩୯ଶହ ଲିଟର ମହୁଲି ପୋଚ, ୧୬୦ ଲିଟର ଦେଶୀ ଓ ୧୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା କଣିହାଁ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲେ ହେଁ କଣିହାଁ ଥାନାକୁ ସୂଚନା ଦିଆଯାଇ ନ ଥିଲା। ଅବକାରୀ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅତିରିକ୍ତ ତହସିଲଦାର ସାମଲ ପ୍ରକାଶ କରିଛନ୍ତି।

## ଦୁର୍ଘଟଣା ନେଲା ବାପପୁଅଙ୍କ ଜୀବନ

**କାମାକ୍ଷାନଗର, ୧୦।୧୨(ଡି.ଏନ୍.ଏ.)**

ଅସୁସ୍ଥ ବାପାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଯାଉଥିଲେ କଟକ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ଆଗରୁ ଅଧା ବାଟରେ ହାତଧରି ଟାଣିନେଲା ମୃତ୍ୟୁ। ଦୁର୍ଘଟଣାରେ ଚାଲିଗଲା ଭେଣ୍ଡିଆ ପୁଅ ସହ ବାପାଙ୍କ ଜୀବନ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବିଜାଡ଼ିହ ନିକଟରେ ଗୁରୁବାର ପୂର୍ବାହ୍ନରେ ଘଟିଥିବ ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ଦୁଇଜଣ ହେଲେ ପରଜଙ୍ଗର ରମଣୀ ମଲ୍ଲିକ (୫୬) ଏବଂ ତାଙ୍କ ପୁଅ ସୁବ୍ରତ ମଲ୍ଲିକ(୨୮)। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ରମଣୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା। ତେଣୁ ବାପାଙ୍କୁ ମେଡିକାଲ ନେଇ ଡାକ୍ତରଙ୍କୁ ଦେଖାଇବା ପାଇଁ ସୁବ୍ରତ ସକାଳେ ପରଜଙ୍ଗରୁ ଏକ ବାଇକ୍ (ନଂ. ଓଆର୍ ୧୯ ବି ୨୯୧୩) ରେ କାମାକ୍ଷାନଗର ଦେଇ କଟକ ଯାଉଥିଲେ। ହେଲେ ବିଜାଡ଼ିହ ନିକଟରେ ସୁବ୍ରତ ହଠାତ୍ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଦେଇଥିଲେ। ଫଳରେ ବାଇକ୍ ଦ୍ରୁତଗତିରେ ଯାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ସୁବ୍ରତଙ୍କ ସହ ପଛରେ ବସିଥିବା ତାଙ୍କ ବାପା ରମଣୀ ଦୂରକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ଉଭୟଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। କିନ୍ତୁ ସେତେବେଳକୁ ବାପା-ପୁଅଙ୍କ ଜୀବନ ଚାଲିଯାଇଥିଲା। ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ରମଣୀ ଓ ସୁବ୍ରତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ନଂ. ୪୦୭/୨୦, ଦଫା ୨୭୯, ୩୦୪ (ବି)ରେ ଏକ ମାମଲା ରୁଜୁ ହୋଇଛି।

## ଥଇଥାନ କରା ନ ଗଲେ କାର୍ଯ୍ୟବନ୍ଦ

**କଣିହାଁ,୧୦।୧୨(ଡି.ଏନ୍.ଏ.)**

ଏମ୍‌ସିଏଲ୍‌ର ଅନୁଗୋଳ ଜିଲା କଣିହାଁ ଓସିପି ପାଇଁ ଜମି ହରାଇଥିବା ପଥରମୁଣ୍ଡା ଗ୍ରାମର ୨୫ ପରିବାର ନିଯୁକ୍ତି ଓ ଥଇଥାନ ଦାବିରେ ଅକ୍ଟୋବର ୯ ତାରିଖରୁ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଇତିମଧ୍ୟରେ ୬୨ ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନ, ରାଜନେତା କେହି ବି ଦୃଷ୍ଟି ଦେଉନାହାନ୍ତି। ଗୁରୁବାର ଗ୍ରାମବାସୀ ଜିଲାପାଳଙ୍କୁ ପୁନଃ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ୧୮ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ କଣିହାଁ ଓସିପି ଜିଏମ୍‌ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ।



ଧାରଣାରେ ବସିଥିବା ପଥରମୁଣ୍ଡା ଗ୍ରାମର ୨୫ ପରିବାର।

## ଅନୁଗୋଳ-ଭୁବନେଶ୍ୱର ନିୟମିତ ଟ୍ରେନ୍ ଚଳାଚଳ ଦାବି

**ଢେଙ୍କାନାଳ ଅଫିସ, ୧୦।୧୨**

ଅନୁଗୋଳରୁ ଢେଙ୍କାନାଳ ଦେଇ ଭୁବନେଶ୍ୱରକୁ ପୂର୍ବଭଳି ନିୟମିତ ରେଳ ଚଳାଚଳ ପାଇଁ ଗୁରୁବାର ପୂର୍ବତଟ ରେଳୱେ ମ୍ୟାନେଜରଙ୍କ ନିକଟରେ ଦାବି କରିଛି ଢେଙ୍କାନାଳ-ଅନୁଗୋଳ ଟ୍ରେନ୍ ପାସେଞ୍ଜର ଆସୋସିଏଶନ। କରୋନା ସମୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନୁଗୋଳ-ଭୁବନେଶ୍ୱର ମେମୁ ଏବଂ ସମ୍ବଲପୁର-ଅନୁଗୋଳ-ଢେଙ୍କାନାଳ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ କିଛି ସପ୍ତାହ ଚାଲିବା ପରେ ବାତିଲ କରିଦିଆଯାଇଛି। ଟିକେଟ୍ ମୂଲ୍ୟ ବୃଦ୍ଧି ଯୋଗୁ ଆବଶ୍ୟକ ସଂଖ୍ୟାରେ ଯାତ୍ରୀ ନ ହେବା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଫଳରେ ଟ୍ରେନ୍ ଉପରେ ନିର୍ଭରଶୀଳ ଯାତ୍ରୀ ସମସ୍ୟା ଭୋଗୁଛନ୍ତି। ମୁମ୍ବାଇ, କୋଲକାତାରେ ରେଳ ଚଳାଚଳ ସ୍ୱାଭାବିକ ହେଲାଣି। ରାଜ୍ୟରେ ମଧ୍ୟ ଅନୁରୂପ ପଦକ୍ଷେପ ନେଇ ରେଳସେବା ସ୍ୱାଭାବିକ କରିବାକୁ ସଂଘର ସାଧାରଣ ସମ୍ପାଦକ ବଦ୍ରିନାରାୟଣ ମିଶ୍ର ଦାବି କରିଛନ୍ତି।

## ଲେଭଲ୍ କ୍ରସିଂ ବନ୍ଦ ବେଳେ ଉତ୍ତେଜନା



ଗ୍ରାମବାସୀଙ୍କ ସହ ରେଳ ବିଭାଗ ଅଧିକାରୀ ଓ ପୋଲିସ ଆଲୋଚନା କରୁଛନ୍ତି।

**ଅନୁଗୋଳ ଅଫିସ, ୧୦।୧୨**

ଅନୁଗୋଳ ଜିଲା କୁରୁଡୁଲୁ ପଞ୍ଚାୟତ ବରବେରେଣୀ ଗ୍ରାମରେ ଗୁରୁବାର ଉତ୍ତେଜନା ଦେଖାଦେଇଥିଲା। ରେଳ ବିଭାଗ ପକ୍ଷରୁ ସେଠାରେ ଥିବା ଲେଭଲ୍ କ୍ରସିଂକୁ ବନ୍ଦ କରିବା ନିମନ୍ତେ ଉଦ୍ୟମ କରାଯିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଖବରପାଇ ତାଳଚେର ରେଳ ବିଭାଗ ଅଧିକାରୀ, ଅନୁଗୋଳ ପୋଲିସ, ଜିଆର୍‌ପି ଓ ଆର୍‌ପିଏଫ୍ କର୍ମଚାରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧିମାନେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କୁରୁଡୁଲୁ ବିଦ୍ୟାଳୟ ସହ ଜମି ଓ ପୋଖରୀ ଲେଭଲ୍ କ୍ରସିଂ ଅପରପାର୍ଶ୍ୱରେ ରହିଛି। ତେଣୁ ରାସ୍ତା ବନ୍ଦ ହେଲେ ଅସୁବିଧା ଭୋଗିବେ ବୋଲି କହି ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଏପରି କି ରେଳ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ରାସ୍ତାରେ ଭାରୀଯାନ ଚଳାଚଳ କରୁଥିବାରୁ ରାସ୍ତା ଖରାପ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାର ବିକଳ୍ପ ବ୍ୟବସ୍ଥା କରିବା ପରେ ଲେଭଲ୍ କ୍ରସିଂ ବନ୍ଦ କରିବାକୁ ଗ୍ରାମବାସୀମାନେ ଅଡ଼ି ବସିବାରୁ ଠିକା ସଂସ୍ଥା ମରାମତି ପାଇଁ ପ୍ରତିଶ୍ରୁତି ଦେଇଥିଲା। ରେଳ ବିଭାଗ ପିଡବ୍ଲ୍ୟୁଆଇ ତାଳଚେରର ସିନିୟର ସେକ୍ସନ୍ ଇଂଜିନିୟର ମହେଶ କୁମାର କୁଣ୍ଡୁ କହିଛନ୍ତି, ଉକ୍ତ ରେଳ ଲାଇନ୍‌ରେ ୬ ମିଟର ବ୍ୟବଧାନରେ ଦୁଇଟି ଲେଭଲ୍ କ୍ରସିଂ ରହିଛି। ତେଣୁ ଏହି ଲେଭଲ କ୍ରସିଂକୁ ବନ୍ଦ କରି ଅଣ୍ଡରପାସ୍ ପାଇଁ ଯୋଜନା ହେଉଛି।

## ଶହୀଦଙ୍କୁ ମିଳୁନି ସମ୍ମାନ

- ଅବହେଳିତ ଅବସ୍ଥାରେ ସ୍ମାରକୀ
- ପ୍ରଶାସନ ନିକଟରେ ସୂଚନା ନାହିଁ
- ନଇଁଗଲାଣି, କେତେବେଳେ ଭାଙ୍ଗିଯିବ

**ଢେଙ୍କାନାଳ ଅଫିସ, ୧୦।୧୨**

ଶହୀଦ ଶବ୍ଦ କାନରେ ବାଜିବା ମାତ୍ରକେ ସମ୍ମାନରେ ନଇଁଯାଏ ମଥା। ଭାରତ ମାତାର ସୁରକ୍ଷା ପାଇଁ ଜୀବନ ବଳିଦାନ ଦେଇଥିବା ଏପରି ବୀର ଜନ୍ମମାଟିକୁ କରିଛନ୍ତି ଗୌରବାନ୍ୱିତ। ସେମାନଙ୍କ ତ୍ୟାଗ, ବୀରତ୍ୱର ଗାଥାକୁ ଝୁରି ହେଉଛନ୍ତି ଦେଶବାସୀ। ହେଲେ ଦେଶମାତୃକାର ସୁରକ୍ଷାରେ ଜୀବନ ଉତ୍ସର୍ଗ କରିଥିବା ଯବାନଙ୍କୁ ମିଳୁନି ସମ୍ମାନ। ସେମାନଙ୍କ ଉଦ୍ଦେଶ୍ୟରେ ନିର୍ମିତ ଶହୀଦ ସ୍ମାରକୀର ଅବସ୍ଥା କେମିତି ଅଛି, ତାକୁ ଦେଖିବାକୁ ପ୍ରଶାସନ କି ଜନପ୍ରତିନିଧିଙ୍କ ପାଖରେ ସମୟ ନାହିଁ। ସ୍ୱତନ୍ତ୍ର ଦିବସରେ ଫୁଲମାଳ ଚଢ଼ାଇ ଫଟୋଟେ ଉଠାଇ ଦେବା ପରେ ସରିଯାଉଛି ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଶହୀଦ ବୀରଙ୍କ ପ୍ରତି ଏଭଳି ଅବହେଳାର ନମୁନା ଦେଖିବାକୁ ମିଳିଛି ଢେଙ୍କାନାଳରେ। ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ଥିବା ଶହୀଦ ସ୍ମାରକୀକୁ ଦେଖିଲେ ପ୍ରଶାସନିକ ଅବହେଳା ଜଳଜଳ ହୋଇ ଦିଶୁଛି।

ସଂଗ୍ରାମ ଏବଂ ସଂଗ୍ରାମୀଙ୍କ ମାଟି ଢେଙ୍କାନାଳ। ନିଷ୍ଠୁର ରାଜତନ୍ତ୍ର ବିରୋଧରେ ଏଠାରେ ଆରମ୍ଭ ହୋଇଥିବା ଗଡ଼ଜାତ ଆନ୍ଦୋଳନ ଆଜି ବି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଜିଲାର ଅନେକ ଯବାନ ଦେଶ ସୁରକ୍ଷାରେ ପ୍ରାଣବଳି ଦେଇଛନ୍ତି। ରକ୍ତରଞ୍ଜିତ ଏଭଳି ସଂଗ୍ରାମୀଙ୍କୁ ମନେପକାଇବା ଏବଂ ସେମାନଙ୍କ ବୀରତ୍ୱର ଗାଥାକୁ ଜନମାନସରେ ପହଞ୍ଚାଇବାକୁ ୨୦୦୧ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ବସ୍‌ଷ୍ଟାଣ୍ଡ ନିକଟରେ ସ୍ଥାପନ କରାଯାଇଥିଲା 'ଅମର ଯବାନ ସ୍ମୃତି ଶହୀଦ ସ୍ତମ୍ଭ'। କାର୍‌ଗିଲ ଯୁଦ୍ଧ ସମେତ ଆତଙ୍କବାଦୀଙ୍କ ସହ ଲଢ଼େଇ କରି ଜୀବନ ଦେଇଥିବା ଶହୀଦଙ୍କ ନାମ, ଠିକଣା ଏହି ସ୍ତମ୍ଭରେ ଲେଖାଯାଉଥିଲା। ହେଲେ ପରବର୍ତ୍ତୀ ସମୟରେ ଶହୀଦ ହୋଇଥିବା ଯବାନଙ୍କ ନାମ ଲେଖିବା ଲାଗି ବ୍ୟବସ୍ଥା ଗ୍ରହଣ କରାଗଲା ନାହିଁ। ଫଳରେ ଏହି ପ୍ରକ୍ରିୟା ବନ୍ଦ ହୋଇଯାଇଛି। ତଥାପି ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଶହୀଦ ଦିବସ, କାର୍‌ଗିଲ ବିଜୟ ଦିବସ, ସ୍ୱାୟତ୍ତ ଶାସନ ଦିବସରେ 'ଅମର ଯବାନ ସ୍ମୃତି ଶହୀଦ ସ୍ତମ୍ଭ'ରେ ଜିଲା ପ୍ରଶାସନ, ପୌରସଂସ୍ଥା ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍ମାରକୀ ଅବହେଳିତ। ଉପରେ ଲାଗିଥିବା ଫଳକ ନଇଁଗଲାଣି। କେତେବେଳେ ଭାଙ୍ଗିପଡ଼ିବ କହିହେଉନାହିଁ। ସବୁଠାରୁ ବଡ଼କଥା, ବସ୍‌ଷ୍ଟାଣ୍ଡ ଭଳି ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହା ରହିଛି। ପ୍ରତିଦିନ ଉକ୍ତ ରାସ୍ତା ଦେଇ ପ୍ରଶାସନିକ ଅଧିକାରୀମାନେ ଯିବାଆସିବା କରୁଛନ୍ତି। ତଥାପି ସ୍ମାରକୀର ଦୁରବସ୍ଥା ଉପରକୁ କାହାରି ନଜର ନ ଯିବା ପ୍ରଶାସନିକ ଅବହେଳା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏହାକୁ ତୁରନ୍ତ ମରାମତି କରିବାକୁ ସେମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ଘଟଣା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିଲା। ପୌରସଂସ୍ଥା ପକ୍ଷରୁ ଏହାର ମରାମତି ଲାଗି ପଦକ୍ଷେପ ନିଆଯିବ।



ଅବହେଳିତ 'ଅମର ଯବାନ ସ୍ମୃତି ଶହୀଦ ସ୍ତମ୍ଭ'।

## ସାତକୋଶିଆ ମହୋତ୍ସବ ଉଦ୍‌ଯାପିତ

**ଅନୁଗୋଳ ଅଫିସ, ୧୦।୧୨**

ସାଂସ୍କୃତିକ ନୃତ୍ୟ ନିଳୟା ପକ୍ଷରୁ ପୂର୍ବାଞ୍ଚଳ ଜୋନାଲ ସଂସ୍କୃତିକ କେନ୍ଦ୍ର କୋଲକାତା ଓ ଓଡ଼ିଶା ପର୍ଯ୍ୟଟନ ବିଭାଗ ସହଯୋଗରେ ଗତ ୭ରୁ ୯ ତାରିଖ ଯାଏ ଆୟୋଜିତ ଅଷ୍ଟମ ସାତକୋଶିଆ ମହୋତ୍ସବ ଭର୍ଗୁଆଲ ମୋଡରେ ଉଦ୍‌ଯାପିତ ହୋଇଯାଇଛି। ଗୁରୁ ଅନିତା ସିଂହଦେଓ ଏବଂ ନୃତ୍ୟ ନିଳୟର ଉପଦେଷ୍ଟା ହେମନ୍ତ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବର୍ଷା ଚକ୍ରବର୍ତ୍ତୀ, ଅନିକେତ ପଲ୍ଲବ ନାୟକ, କସ୍ମୀରା ସାମନ୍ତ, ଅନିଶା ସିହ୍ନା ଓ ଅନୁଷ୍କା ମହାକୁଡ଼, ସଂସ୍କୃତି ବର୍ମା, ଏକାଂଶ ଗଡ଼ନାୟକ, ଅନୁରୋଧ ରାୟ, ସ୍ନେହାଳି ଜେନା ପ୍ରମୁଖ ଓଡ଼ିଶୀ, ଭାରତନାଟ୍ୟମ, କୁଚିପୁଡ଼ି, କଥକ ଆଦି ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଧାମ, ଦେବ ପ୍ରସାଦ ଦାଶ ଫାଉଣ୍ଡେସନ ଓ ନୃତ୍ୟ ନିଳୟର କଳାକାରମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଚଳିତବର୍ଷ ପାଇଁ ଗୁରୁ ସୁକାନ୍ତ କୁଣ୍ଡୁ ଓଡ଼ିଶୀ ସଙ୍ଗୀତ, ଗୁରୁ ନିରଞ୍ଜନ ରାଉତଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ସାତକୋଶିଆ ସମ୍ମାନ ପ୍ରଦାନ କରାଯାଇଥିଲା। ତମନ୍ନା ପାତ୍ରଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ନବାଗତ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ରାମଚନ୍ଦ୍ର ଯାଦବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ତମନ୍ନା ପାତ୍ର।

